# Akashvani, Sambalpur

## SAMBALPURI NEWS EVENING BULLETIN

## 6 May 2026-7.02- 7.12 pm.

---

୧- ଗୁଜୁରାତ୍‌ର ଅହମଦାବାଦ୍ ଠାନେ ଉଦ୍ୟୋଗୀ ଆଉ ନିବେଶକ ମାନ୍‌କର୍ ସହେତେ ଆଲୋଚନା କରିଛନ୍ ମୁଖ୍ୟମନ୍ତ୍ରୀ ।

୨- ରାଏଜେ ଥିବା ମହାବିଦ୍ୟାଳୟ ଆଉ ବିଶ୍ୱବିଦ୍ୟାଳୟ ନ ଖାଲି ପଡ଼ିଥିବା ଅଧ୍ୟାପକ୍ ପଦ୍‌ବୀ ପୂରଣ୍ ଲାଗି ପ୍ରକ୍ରିୟା ମୁଲ୍ କଲେ ସର୍‌କାର୍ - କହେଲେ ଉଚ୍ଚଶିକ୍ଷାମନ୍ତ୍ରୀ ।

୩- ଶ୍ୱାସରୋଗ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ପାଲନ୍ କରାଯାଉଛେ ଆଜ୍‌ମା ଦିବସ୍ ।

ଆଉର୍

୪- କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଚଡ଼କ୍ ମାରିକରି ବର୍ଷା ହେବା ବଲି ପାଖାପାଖ୍ନି ସବୁ ଜିଲ୍ଲାକେ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସତର୍କ ସୂଚ୍‌ନା ।

ମୁଖ୍ୟମନ୍ତ୍ରୀ ଗୁଜୁରାଟ ଗସ୍ତ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ତାଙ୍କର୍ ଗୁଜୁରାଟ୍ ଗସ୍ତର୍ ୨ ନମ୍ବର୍ ଦିନେ ଆଏଜ୍ ଅହମଦାବାଦ୍ ନ ହେଇଥିବା ଉଚ୍ଚସ୍ତରୀୟ ନିବେଶକ୍ ସମ୍ମିଲନୀଥି ଯୋଗ୍ ଦେଇକରି ଓଡ଼ିଶା ନ ପୁଞ୍ଜିନିବେଶ୍ ଲାଗି ମୁଖିଆ ଉଦ୍ୟୋଗୀ ଆଉ ନିବେଶକ୍ ମାନ୍‌କର୍ ସହେତେ ଆଲୋଚନା କରିଛନ୍ । ରାଏଜେ ବନ୍ଦର୍ ଭିତିକ୍ ବିକାଶ୍‌କେ ତ୍ବରତି କର୍‌ବାର୍ ଲାଗି ଗୁଟେ ପ୍ରତିନିଧି ଦଲ୍ ଆଏଜ୍ ମୁନ୍ଦ୍ରା ବନ୍ଦର୍ ପରିଦର୍ଶନ୍ କରିଛନ୍ । ଇଟା ମାଲ୍ ପରିବହନ୍ ଆଉ ବନ୍ଦର୍ ଭିତିକ ଶିଳ୍ପଥି ସମ୍ଭାବନା ସୁଯୋଗ୍‌କେ ଆହୁରି ବ୍ୟାପକ୍ କର୍‌ବା । ଆଏବା କାଏଲ୍ ଭଦୋଦରା ଠାନେ ନିବେଶକ୍ ମାନ୍‌କର୍ ସାଙ୍ଗେ ଗୁଟେ ବୈଠକ୍‌ର ଆୟୋଜନ୍ କରାଯାଇଛେ । ଇତାର୍‌ସହେତେ କାର୍ଯ୍ୟକ୍ରମ୍‌ର ଗୁଟେ ଅଂଶ ହିସାବେ କେଭାଡ଼ିଆ ଗସ୍ତକେ ନେଇକରି ଗୁଟେ କାର୍ଯ୍ୟସୂଚୀ ଥିର୍ ହେଇଛେ । ଇ ଉଚ୍ଚସ୍ତରୀୟ ପ୍ରତିନିଧି ଦଲ୍‌ଥି ଶିଳ୍ପ, ଦକ୍ଷତା ବିକାଶ୍ ଆଉ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ଆଉ ବରିଷ୍ଠ ଅଧିକାରୀମାନେ ସାମିଲ୍ ଅଛନ୍ । ଅଭିବୃଦ୍ଧି ଆଉ ରଣନୈତିକ୍ ଯୋଜ୍‌ନା ସହେତେ ଓଡ଼ିଶା ଇହାଦେ ଶିଳ୍ପ ଜଗତ୍ ଲାଗି ବ୍ୟାପକ୍ ସୁଯୋଗ୍ ତିଆର୍ କରୁଛେ ବଲି

ଗଲାକାଏଲ୍ ଗୁଜୁରାଟ୍‌ର ଅହମଦାବାଦ୍ ଠାନେ ହେଇଥିବା ଓଡ଼ିଶା ନିବେଶକ୍ ସମ୍ମିଲନୀ ରୋଡ୍ ସୋ ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ।

ଏଲ୍‌ପିଜି ଏନ୍‌ଏସ୍‌ଡି

ସାରା ଦେଶେ ଘରୋଇ ଏଲ୍‌ପିଜି ବଂଟନ୍ ସ୍ୱାଭାବିକ୍ ରହିଛେ ଆଉ କେନ୍‌ସି ବିତରକଙ୍କର୍ ପାଖେ ସୁଖଲା ଏଲ୍‌ପିଜିର କେନ୍‌ସି ରିପୋର୍ଟ ନାଇଁନ ବଲି ସର୍‌କାର୍‌ଙ୍କର୍ ତର୍‌ଫୁ କୁହାଯାଇଛେ । ନୂଆଦିଲ୍ଲୀ ଠାନେ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ପେଟ୍ରୋଲିୟମ୍ ଆଉ ପ୍ରାକୃତିକ ଗେସ୍ ମନ୍ତ୍ରଣାଳୟର୍ ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍, ପଶ୍ଚିମ ଏସିଆ ସଙ୍କଟ୍ ବେଲ୍‌କେ ସର୍‌କାର୍‌ଙ୍କର୍ ତର୍‌ଫୁ ଘରୋଇ ଏଲ୍‌ପିଜିର୍ ଶହେ ପ୍ରତିଶତ୍ ଆଉ ବ୍ୟବସାୟିକ୍ ସିଲିଣ୍ଡର୍‌ର ୭୦ ପ୍ରତିଶତ୍ ଯୋଗାଣ୍‌କେ ସୁନିଶ୍ଚିତ୍ କରାଯାଉଛେ । ପାଖାପାଖି ୯୫ ପ୍ରତିଶତ୍ ବିତରଣ୍ ପ୍ରମାଣିକରଣ୍ କୋଡ୍ ଜରିଏ ହେଉଛେ । ପିଏନ୍‌ଜି ସେବାଥି ୬ ଲାଖ୍ ୩୧ ହଜାର୍ ନୂଆଁ ସଂଯୋଗ୍ ଦିଆଯାଉଛେ ଆଉ ୬ ଲାଖ୍ ୯୩ ହଜାର୍ ଗ୍ରାହକ୍ ନିବନ୍ଧିତ୍

ହେଇଛନ୍ । ୪୯ ହଜାରନ୍ନୁ ଅଏତ୍କା ଗ୍ରାହକ୍ ସ୍ୱଇଛାଥି ଏଲ୍ପିଜି ସଂଯୋଗ୍ ଛାଡ଼ିଛନ୍ ବଲି ଶ୍ରୀମତୀ ଶର୍ମା ସୂଚ୍ନା ଦେଇଛନ୍ । ଘରୋଇ ରୋଷେଇ ଏଲ୍ପିଜି ର୍ ଦାମ୍ ନାଇଁ ବଢ଼ି । ଇନ୍ଧନ୍ କେନ୍ଦ୍ରମାନ୍କେ ପେଟ୍ରୋଲ୍ ଆଉ ଡିଜେଲ୍ ଦାମ୍ ନାଇଁ ବଦ୍ଲାଯାଇ ବଲି ଶ୍ରୀମତୀ ଶର୍ମା କହିଛନ୍ ।

(ଭଏସ୍ ଓଭର୍- ସୁଜାତା ଶର୍ମା)

ରାୟଗଡ଼ା ରେଲ୍ ଡିଭିଜନ୍ ହି.ସ.

ରାୟଗଡ଼ା ରେଲ୍ ଡିଭିଜନ୍ ଆଏବା ଜୁନ୍ ମାସର୍ ୧ ତାରିଖ୍ନୁ କାର୍ଯ୍ୟକ୍ଷମ୍ ହେବା ବଲି ରେଲ୍ ବିଭାଗ୍ ତର୍ଫୁ କୁହାଯାଇଛେ । ପୂର୍ବତଟ ରେଲ୍ ଅଧୀନ୍ଥି ରାୟଗଡ଼ା ୩ ନମ୍ବର୍ ରେଲ୍ ଡିଭିଜନ୍ ଭାବେ କାମ୍ କର୍ବା । ଇ ପଦକ୍ଷେପ୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଉ ରେଲ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ଙ୍କୁ ଧନ୍ୟବାଦ୍ ଜନେଇଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍, ରାଜ୍ୟର୍ ଉନ୍ନତି ଆଉ ଆକାଂକ୍ଷାକେ ପୁରା କର୍ବାର୍ଥି ପ୍ରଧାନ୍ମନ୍ତ୍ରୀଙ୍କର୍ ସହଯୋଗ୍ ସବୁବେଲେ ରହିଆସିଛେ । ରାୟଗଡ଼ା ରେଲ୍ଡିଭିଜନ୍

କାର୍ଯ୍ୟକ୍ଷମ୍ ହେବାର୍ ଉତ୍ରୁ ଅଂଚଲ୍ର ଯୋଗାଯୋଗ୍ କ୍ଷେତ୍ରଥି ବହୁତ୍ ଉନ୍ନତି ଆସ୍ବା । ପର୍ଯ୍ୟଟନ୍ ବଢ଼୍ବାର୍ ସହେତେ ସମାବେଶୀ ଆଉ ସ୍ଥାୟୀ ଉନ୍ନତିକେ ନୂଆଁ ଦିଗ୍ ମିଲ୍ବା ବଲି ଶ୍ରୀ ମାଝୀ କହିଛନ୍ । ରାଜ୍ୟକେ ଦେଶର୍ ଉନ୍ନତିଥି ଗୁଟେ ପ୍ରମୁଖ ଭାଗିଦାରୀ ବନାବାର୍ ସହେତେ ବିକଶିତ୍ ଭାରତ୍ ଲକ୍ଷ୍ୟକେ ସାକାର୍ କର୍ବାର୍ଥି ଇଟା ଗୁଟେ ବଡ଼ ପଦକ୍ଷେପ୍ ହେବା ବଲି ମୁଖ୍ୟମନ୍ତ୍ରୀ ଆଶ୍ କରିଛନ୍ । ପୂର୍ବତଟ ରେଲ୍ବାଇ ଅଧୀନ୍ଥି ଆଘୋନୁ ଖୋର୍ଦ୍ଧା ଆଉ ସମ୍ବଲ୍ପୁର୍ ରେଲ୍ ଡିଭିଜନ୍ ରହିଛେ । ରାୟଗଡ଼ା ଡିଭିଜନ୍ ଅଧୀନ୍ଥି ମୋଟ୍ ୬ ଶହ ୯୫ କିଲୋମିଟର୍ ରେଲ୍ପଥ୍ ରହେବା । ରାୟଗଡ଼ା ନୂଆଁ ରେଲ୍ ଡିଭିଜନ୍ର ଭିତିଭୂମି ବିକାଶ୍ ଲାଗି ପାଖାପାଖି ଶହେ ୭ କୋଟି ଟଙ୍କା ଖର୍ଚ୍ଚା କରାଯିବା ।

ଅଧ୍ୟାପକ- ପଦ୍ବୀ ପୂରଣ୍ ଆର୍ଏନ୍ୟୁ/ କଟକ୍

ରାଏଜେ ଥିବା ମହାବିଦ୍ୟାଲୟ ଆଉ ବିଶ୍ୱବିଦ୍ୟାଲୟ ନ ଖାଲି ପଡ଼ିଥିବା ପାଖାପାଖି ୧୪ ଶହ ଅଧ୍ୟାପକ୍ ପଦ୍ବୀ ପୂରଣ୍ ଲାଗି ସର୍କାର୍ ପ୍ରକ୍ରିୟା ମୁଲ୍ କରିଛନ୍ ବଲି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ

ସୂରଜ୍ କହିଛନ୍ । ୧୪ ଟା ବିଶ୍ୱବିଦ୍ୟାଳୟ ନ କୁଳପତି ନିଯୁକ୍ତ ହେବାର୍ ଉତ୍ରୁ ଇହାଦେ ଏସିଷ୍ଟାଂଟ୍ ପ୍ରଫେସର୍, ଏସୋସିଏଟ୍ ପ୍ରଫେସର୍ ଆଉ ପ୍ରଫେସର୍ ପଦ୍‌ବୀ ପୂରଣ୍ ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ପଦକ୍ଷେପ୍ ନିଆଯାଉଛେ । ମନ୍ତ୍ରୀ ଶ୍ରୀ ସୂରଜ୍ କହିଛନ୍, ଅଧ୍ୟାପକ୍ ନିଯୁକ୍ତି ପ୍ରକ୍ରିୟା ତୁର୍‌ତି କର୍‌ବାର୍ ଲାଗି ଓଡ଼ିଶା ଲୋକ୍‌ସେବା ଆୟୋଗ୍ -ଓପିଏସ୍‌ସି, ରାଜ୍ୟସ୍ତରୀୟ ଯୋଗ୍ୟତା ପରୀକ୍ଷା କି ଅଲ୍‌ଗା ବିକଳ୍ପ ବ୍ୟବସ୍ଥା ଅପ୍‌ନାବାର୍‌କେ ବିଭାଗ୍ ତର୍‌ଫୁ ପଦକ୍ଷେପ୍ ନିଆଯାଉଛେ । ଶିକ୍ଷାନୁଷ୍ଠାନ୍‌ର ମାନବ୍ ସମ୍ବଳ ଆଉ ଭିତିଭୂମି ବିକାଶ୍ ଲାଗି ଖର୍ଚ୍ଚା ବ୍ୟୟବରାଦ୍ ହେଇଥିବାର୍ ବେଲେ ଟେଣ୍ଡର୍ ପ୍ରକ୍ରିୟା ଚାଲିଛେ ବଲି ମନ୍ତ୍ରୀ କହିଛନ୍ । ପ୍ରଧାନ୍‌ମନ୍ତ୍ରୀ ଉଚ୍ଚତର୍ ଶିକ୍ଷା ଅଭିଯାନ୍ ପି.ଏମ୍. ଉଷା ଜରିଆଥି ମହାବିଦ୍ୟାଳୟ ଆଉ ବିଶ୍ୱବିଦ୍ୟାଳୟ ନ ବିକାଶ୍ କାମ୍ ଚାଲିଛେ । ରାଏଜେ ଜାତୀୟ ଶିକ୍ଷାନୀତି -୨୦୨୦ ଲାଗୁ ହେବାର୍ ଉତ୍ରୁ ଉଚ୍ଚଶିକ୍ଷାନୁଷ୍ଠାନ୍ ଲାଗି ୬ ଶହ ୭୬ କୋଟି ଟଙ୍କା ବ୍ୟୟବରାଦ୍ କରାଯାଇଛେ ।

ସମ୍ବଲପୁର୍ ବିଶ୍ୱବିଦ୍ୟାଳୟ, ରେଭେନ୍ସା ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର୍ ବିଶ୍ୱବିଦ୍ୟାଳୟ ଆଉ ମହାରାଜା ଶ୍ରୀରାମଚନ୍ଦ୍ରଭଞ୍ଜ ବିଶ୍ୱବିଦ୍ୟାଳୟର୍ ଭିତିଭୂମି ବିକାଶ୍ ଲାଗି ପି.ଏମ୍. ଉଷା

ଅଧୀନ୍‌ରୁ ଶହେ କୋଟି ଟଙ୍କା ଲେଖା ଆର୍ଥିକ୍ ଅନୁଦାନ୍ ଦିଆଯାଇଛେ ବଲି ମନ୍ତ୍ରୀ କହିଛନ୍ । ଇତାର୍‌ସହେତେ ପି.ଏମ୍. ଉଷା ଜରିଆଥି ରାଏଜେ ମୋଟ୍ ୨୦ ଟା ସର୍‌କାରୀ ମହାବିଦ୍ୟାଲୟକେ ୫ କୋଟି ଟଙ୍କା ଲେଖା ଆର୍ଥିକ୍ ଅନୁଦାନ୍ ଦିଆଯାଇଛେ । '୪ ଶହ ୮୮ ଆଉ ୬ ଶହ ୬୨ ବର୍ଗ' ମହାବିଦ୍ୟାଲୟର୍ ଭିତିଭୂମିର୍ ବିକାଶ୍ ଲାଗି ରାଜ୍ୟ ବଜେଟ୍‌ନୁ ୫୦ କୋଟି ଟଙ୍କା ଖର୍ଚ୍ଚା କର୍‌ବାର୍‌କେ ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ଖାସ୍ ବ୍ୟୟ ଅଟକଳ କରାଯାଇଛେ ବଲି ମନ୍ତ୍ରୀ ଶ୍ରୀ ସୂରଜ୍ କହିଛନ୍ ।

ମେଟ୍ରିକ୍ ପରୀକ୍ଷା ପୁନଃ ଯାଂଚ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ବାର୍ଷିକ୍ ହାଇସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷା ୨୦୨୬ର ସବ୍‌ଜେକ୍ଟିଭ୍ ଆଉ ଅବ୍‌ଜେକ୍ଟିଭ୍ ପରୀକ୍ଷା ଖାତା ପୁନଃ ଯାଂଚ୍ ଆଉ ଅବିକଳ ନକଲ୍ ଲାଗି ଅନ୍‌ଲାଇନ୍ ଆବେଦନ୍ ଆଏବା ୧୧ ତାରିଖ୍‌ନୁ ମୁଲ୍ ହେଇକରି ୨୨ ତାରିଖ୍‌ତକ୍ ଚାଲ୍‌ବା । ଅନ୍‌ଲାଇନ୍ ଆବେଦନ୍‌ର ସବୁ ନିୟମାବଳୀ ବୋର୍ଡ଼ ୱେବ୍‌ସାଇଟ୍ www.bseodisha.ac.in ରୁ ମିଲିପାରୁଛେ ।

ଇଥିର୍‌ଲାଗି ଫର୍ମ ଆଉ ଦେୟ ଦାଖଲ୍ ୨୨ ତାରିଖ୍‌ତକ୍ କରାଯାଇପାର୍‌ବା । ଅନ୍‌ଲାଇନ୍ ଆବେଦନ୍ ୨୪ ଘଂଟା ଜାରି ରହେବା । ଇ ପ୍ରକ୍ରିୟା ଶେଷ୍ ହେବାର୍ ଉତ୍‌ରୁ ବୋର୍ଡ୍ କର୍ତୃପକ୍ଷ ସଂଶୋଧିତ ମାର୍କ ପ୍ରମାଣ୍‌ପତ୍ର ଦେବେ । ଆବେଦନ୍‌କାରୀ ବୋର୍ଡ୍ ଓ୍ୱେବ୍‌ସାଇଟ୍‌ନୁ ପରୀକ୍ଷାଖାତାର୍ ନକଲ୍ ଡାଉନ୍‌ଲୋଡ୍ କରିପାର୍‌ବେ । ମେଟ୍ରିକ୍ ସପ୍ଲିମେଂଟାରୀ ପରୀକ୍ଷା ଲାଗି ଆଏବା ୮ ତାରିଖ୍‌ନୁ ଫର୍ମ ଭର୍‌ବାର୍ ପ୍ରକ୍ରିୟା ମୁଲ୍ ହେବା ବଲି ବୋର୍ଡ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଆଜ୍‌ମା ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ଶ୍ୱାସରୋଗ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲକ୍ଷ୍ୟଥି ଆଏଜ୍ ବିଶ୍ୱ ଆଜ୍‌ମା ଦିବସ୍ ପାଲନ୍ କରାଯାଉଛେ । ଇ ବଛର୍ ଇ ଦିବସ୍‌ର ବାର୍ତା ହେଉଛେ, ‘ଆଜ୍‌ମାଥି ପିଡ଼ିତ ଲୁକେ ଭଲ୍ ହେବାର୍‌ଟା ସମିଆର୍ ଆବଶ୍ୟକତା’ । ପୁର୍‌ଥି ନ ଫି ବଛର୍ ମେ ମାସର୍ ପହେଲା ମଙ୍ଗଲ୍‌ବାର୍ ଦିନ ଇ ଦିବସ୍ ପାଲନ୍ କରାଯାଏସି । ଗ୍ଲୋବାଲ୍ ଇନିସିଏଟିଭ୍ ଫର୍ ଆଜ୍‌ମା- ଜି.ଆଇ.ଏନ୍.ଏ. ତର୍‌ଫୁ ୧୯୯୮ ମସିହାଥି ପହେଲାଥର୍

ଲାଗି ବିଶ୍ୱ ଆଜ୍‌ମା ଦିବସ୍ ପାଲନ୍ ହେଇଥିଲା । ଇ ରୋଗ୍ ବାବ୍‌ଦେ ସଚେତନତା ସୃଷ୍ଟି କର୍‌ବାର୍ ସହେତେ ପ୍ରତିକାର୍ ବାବ୍‌ଦେ ଲୁକ୍‌କୁ ଜନାବାର୍ ଲାଗି ଇ ଦିବସ୍ ପାଲନ୍ କରାଯାଏସି । ପ୍ରଦୂଷଣ ଆଉ ଅବ୍ୟବସ୍ଥିତ୍ ଜୀବନ୍‌ଶୈଳୀ ଶ୍ୱାସ ରୋଗ୍ ବଢ଼୍‌ବାର୍ କାରଣ୍ ଆଏ ବଲି ଜନାପଡ଼ିଛେ । ଇ ରୋଗ୍‌ନୁ ରକ୍ଷା ପାଏବାର୍ ଲାଗି ଡାକ୍ତର୍‌ଙ୍କର୍ ପରାମର୍ଶ ନେବାର୍ ବହୁତ୍ ଜରୁରୀ ଆଏ ।

ଶ୍ରୀକ୍ଷେତ୍ର ପୁରୀ ନ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ରଥଖଳା ନ ମାହାପୁରୁଙ୍କର୍ ରଥ ତିଆରି କାମ୍ ଜୋର୍‌ସୋର୍‌ଥି ଚାଲିଥିବାର୍ ବେଲେ ତିନ୍‌ହି ରଥର ୨ - ୨ ଟା ନାହାକା ଚକ ସହେତେ ଗୁଟେ ଲେଖା ଅଖ ତିଆର୍ କାମ୍ ସରିଛେ । ଆଏବା ୯ ତାରିଖ୍ ଭଉଁରୀ ତିଥିଥି ଚକାଡେରା ନୀତି ହେବାର୍‌କେ ଥିବାର୍ ବେଲେ ଦର୍‌କାର୍ ଥିବା ନାହାକା ଚକ ଆଉ ଅଖ କାମ୍ ଶେଷ୍ ହେଇଛେ । ତିନ୍‌ହି ରଥର ୪୨ ଟା ଚକ ଭିତ୍‌ରୁ

ଆଏଜ୍‌ତକ୍ ୧୩ ଟା ଚକ ତିଆର୍ ସରିଛେ । ଇ ବାବ୍‌ଦେ ଆମର୍ ପୁରୀ ସମ୍ବାଦଦାତା ଅଏତ୍‌କା ସୂଚ୍‌ନା ଦେଇକରି କହିଛନ୍....
(ଭଏସ୍ ଓଭର୍- ପୁରୀ ସମ୍ବାଦଦାତା)

ହେଲ୍‌ମେଟ୍ ଜମା          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାର୍ ୭ ଟା ଜାଗା ନ ହେଲ୍‌ମେଟ୍ ହବ୍‌ର ଶୁଭାରମ୍ଭ କରାଯାଇଛେ । ଇଥି ବାଇକ୍ ଚାଳକ୍‌ମାନ୍‌କୁ ୫୦ ଟଙ୍କାଥି ହେଲ୍‌ମେଟ୍ ଦିଆଯିବାର୍ ସହେତେ କାମ୍‌ନୁ ଫିର୍‌ବାର୍ ବେଲେ ହେଲ୍‌ମେଟ୍‌କେ ଜମା କର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ମାନେ ସୁରକ୍ଷିତ୍ ଗାଡ଼ି ଚାଲନା ବାବ୍‌ଦେ ଲୁକ୍‌କୁ ସଚେତନ୍ କରୁଛନ୍ ।

ହକି ଶିବିର          ଆର୍‌ଏନ୍‌ୟୁ/ କଟକ୍
ରାଜ୍ୟ ସର୍‌କାର୍‌ଙ୍କର୍ କ୍ରୀଡ଼ା ଯୁବସେବା ବିଭାଗ୍ ଆଉ ଓଡ଼ିଶା ନାଭାଲ୍ ଟାଟା ହକି ତର୍‌ଫୁ ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଖରାଦିନିଆ ହକି ଶିବିର୍ ମୁଲ୍ ହେଇଛେ । ଇ ଶିବିର୍ ଆଏବା ୨୧ ତାରିଖ୍‌ତକ୍ ଚାଲ୍‌ବା । ଇଥି ୬ ନୁ ୧୬ ବଛର୍ ବୟସର୍

୮୦ ନୁ ଅଏତ୍‌କା ଖେଲାଲି ଭାଗ୍ ନେଇଛନ୍ । ଖେଲାଲିମାନ୍‌କୁ ହକି ଖେଲ୍‌ର କୌଶଲ୍  ସହେତେ ଉଚା ଦର୍‌ଜାର୍ ପ୍ରଶିକ୍ଷଣ୍ ଦିଆଯିବା । ଉଦ୍‌ଘାଟନୀ ସମାରୋହ ଉତ୍‌ରୁ ଖେଲାଲିମାନ୍‌କର୍ ଲାଗି ଗୁଟେ ଖାସ୍ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯାଇଛେ । ରାଜ୍ୟର୍ ଭିନ୍ ଭିନ୍ ଜାଗାନୁ ଯାଇଥିବା ଖେଲାଲିମାନେ ବୃତିଗତ ମାର୍ଗଦର୍ଶନ୍‌ଥି ଆଧୁନିକ୍ ହକିର୍ କୌଶଲ୍ ଶିଖ୍‌ବାର୍ ସୁଯୋଗ୍ ପାଏବେ ବଲି କ୍ରୀଡ଼ା ଆଉ ଯୁବସେବା ବିଭାଗ୍ ତର୍‌ଫୁ କୁହାଯାଇଛେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ କାଲ୍‌ବୈଶାଖୀର୍ ବଲେ ବର୍ଷା ହେବାର୍‌ନୁ ତାପମାତ୍ରା କମିଛେ । ଭୁବ୍‌ନେଶ୍ୱର୍ ଅଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ବିଜ୍‌ଲି ଘଡ଼୍‌ଘଡ଼ି ସହେତେ ଜବର୍ ବର୍ଷା ହେବା ବଲି ରାଜ୍ୟର୍ ପାଖାପାଖି ସବୁ ଜିଲ୍ଲାକେ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଆଏବା ୬/୭ ଦିନ୍ ତକ୍ ରାଜ୍ୟର୍ ତାପମାତ୍ରାଥି ଖାସ୍ ପରିବର୍ତନ୍ ନାଇଁନ ବଲି କେନ୍ଦ୍ର ତର୍‌ଫୁ କୁହାଯାଇଛେ ।